''ଅଥବା ହୁଏତ ଦେଖିବା, ଯେବେ ସମସ୍ତ ବ୍ୟର୍ଥ ହେବ ଆମ ଅନ୍ତରେ ଲୁକ୍କାୟିତ ସେହି ପୂର୍ଣ୍ଣ, ଗୁପ୍ତ ନବରୂପ ।'' (ସାବିତ୍ରୀ)
- ଶ୍ରୀଅରବିନ୍ଦ

# ମହାମାନବର ପଥେ...

## ଭୂମିକା

ଗୋପନ ରହସ୍ୟ ସବୁ ସରଳ । କାରଣ ସତ୍ୟ ହେଉଛି ସରଳ । ବିଶ୍ୱଜଗତରେ ଏହା ହେଉଛି ସରଳତମ ତତ୍ତ୍ୱ । ସେଥିପାଇଁ ଆମେ ତାକୁ ଦେଖିପାରୁନାହୁଁ । ବିଶ୍ୱରେ ରହିଛି ସେହି ଏକମାତ୍ର ତତ୍ତ୍ୱ ଯାହା ଅଦ୍ୱିତୀୟ । ବର୍ତ୍ତମାନର ପଦାର୍ଥବିଜ୍ଞାନୀ ଓ ଗଣିତଜ୍ଞମାନେ ମଧ୍ୟ ଏହା ହୃଦୟଙ୍ଗମ କରିବାକୁ ଆରମ୍ଭକଲେଣି, ସ୍ମିତହାସ୍ୟମୁଖ ଶିଶୁଟି ଯେପରି ସୂର୍ଯ୍ୟସ୍ନାତ ବେଳାଭୂମିରେ ଫେନାକୁଳ ଉତ୍ତୁଙ୍ଗ-ତରଙ୍ଗର ଗତି ଦେଖି ବୁଝିପାରିଛି ଯେ ସେହି ଏକହିଁ ଫେନଚୂଡ଼ ତରଙ୍ଗମାଳା କେଉଁ ଆବହମାନ କାଳରୁ ଆବର୍ତ୍ତିତ ହୋଇଚାଲିଛି, ପୁରାତନ ସ୍ମୃତି ମଧ୍ୟରୁ ଉତ୍ଥିତ ଏକ ମହାନ ଛନ୍ଦ କାଳ ଓ ବେଦନାକୁ ଗୋଟିଏ ଗହ୍ୱର ଗ୍ରନ୍ଥିରେ ଗୁନ୍ଥୁଛି, ଏତେ ପୁରାତନ ଯେ ମନେହୁଏ ସେହି ଉପସ୍ଥିତି ଯେପରି ଅପରିବର୍ତ୍ତନଶୀଳ, ସେ ତା'ର ସୁବିଶାଳ ପରିବେଷ୍ଟନୀ ମଧ୍ୟରେ ଗୋଟିଏ ସାମୁଦ୍ରିକ ପକ୍ଷୀର ଉଡ୍ଡନଶୈଳୀକୁ ମଧ୍ୟ ଆଲିଙ୍ଗନ କରୁଛି । ଉତ୍ତାଳ ଫେନଚୂଡ଼ତରଙ୍ଗ ମଧ୍ୟରେ କ୍ଷଣକଲାଗି ଉଦ୍ଭାସିତ ସେହି କ୍ଷୁଦ୍ର ବିନ୍ଦୁଟି ମଧ୍ୟରେ ଆବୃତ୍ତ ଯୁଗଯୁଗାନ୍ତ, ସକଳ ଆତ୍ମାର ସମଷ୍ଟି । କିନ୍ତୁ ସେହି ବିନ୍ଦୁଟିକୁ, ସେହି ସ୍ମିତଟିକୁ, ସେହି ସଂଗୀତମଧୁର ମୁହୂର୍ତ୍ତଟିକୁ ଆମେ ହରାଇବସିଛୁ । ସେହି ଏକତ୍ୱକୁ ପ୍ରତିଷ୍ଠାପିତ କରିବାପାଇଁ ଗଣକଯନ୍ତ୍ର (କମ୍ପ୍ୟୁଟର) ପରି ଆମେ ଯୋଗ କରୁଛୁ ୧+୧+୧..., ସମସ୍ତ ଦିଗରୁ ସକଳ ପ୍ରକାରର ଲୌକିକଜ୍ଞାନ ଆହରଣ ଓ ସଂଯୋଜନ କରି ପ୍ରକୃତ ସ୍ୱରଟିକୁ ସୃଷ୍ଟିକରିପାରିବୁ, ସେହି ଏକକ ସ୍ୱର ଯାହା ସଙ୍ଗୀତକୁ ଦେବ ନବଜନ୍ମ, ସେହି ବିସ୍ମୃତ ଶିଶୁର ଆନନ୍ଦମଗ୍ନ ହୃଦୟ ଓ ବିଶ୍ୱକୁ କରିବ ଗତିଶୀଳ, ଏ ଧାରଣା ଭ୍ରାନ୍ତ । ସେହି ମହାନ ସରଳତାକୁ ପ୍ରତ୍ୟେକ ବ୍ୟବହାରିକ-ପୁସ୍ତିକା ମଧ୍ୟରେ ବାନ୍ଧିରଖିବାପାଇଁ ବହୁ ଆୟାସ କରିଛୁ, କିନ୍ତୁ ସାରଲ୍ୟ-ବିହଙ୍ଗଟି ଉଡ଼ିଯାଇଛି ସୁଦୂର ଦିଗନ୍ତକୁ, ସେହି ସ୍ମିତ, ସେହି ପ୍ରଜ୍ଜ୍ୱଳ ଫେନିଳ ବସ୍ତୁଟି ମଧ୍ୟ ଆମର ବିଭିନ୍ନ ସମୀକରଣ ଦ୍ୱାରା ପ୍ରଦୂଷିତ । ଏହି ଶରୀରଟି ଆମର କି ନୁହେଁ ତାହା ମଧ୍ୟ ସଂଶୟଜନକ । ଏହି ଚମତ୍କାର ଯନ୍ତ୍ର ରାକ୍ଷସ ସବୁକିଛି ଗ୍ରାସ କରିଛି ।

ତଥାପି ସେହି ଏକ ତତ୍ତ୍ୱହିଁ ଅନନ୍ୟା ଦିବ୍ୟଶକ୍ତି, କାରଣ ଯାହା ଗୋଟିଏ ବିନ୍ଦୁରେ ଦୀପ୍ତିମାନ ତାହା ଅନ୍ୟ ବିନ୍ଦୁମାନଙ୍କରେ ମଧ୍ୟ ଦୀପ୍ତିମାନ । ବିଶ୍ୱଜଗତରେ ରହିଛି କେବଳ ଏକମାତ୍ର ଦିବ୍ୟଶକ୍ତି, ସେ ଅନନ୍ୟା, ଥରେ ଏହି କଥାଟି ବୁଝିଗଲେ ଆଉ ସବୁକିଛି ସହଜରେ ବୁଝିହେବ । ଶିଶୁଟିଏ ମଧ୍ୟ ଜାଣେ ଯେ ସେ ସମ୍ରାଟ, ସେ ହେଉଛନ୍ତି ଅଭେଦ୍ୟ, କିନ୍ତୁ ବୟସବୃଦ୍ଧି ସଙ୍ଗେସଙ୍ଗେ ସେ ଏକଥା ଭୁଲିଯାଏ । ମନୁଷ୍ୟ, ଦେଶ, ଜାତି ସଭ୍ୟତାର ବୃଦ୍ଧି ସଙ୍ଗେସଙ୍ଗେ ନିଜ ନିଜ ପନ୍ଥାରେ ସମସ୍ତେ; ଯୁଦ୍ଧ ବା ଦେଶଦେଶାନ୍ତର ବିଜୟକରି, ଧ୍ୟାନ ବା ଐନ୍ଦ୍ରଜାଲିକ ବିଦ୍ୟା, ସୌନ୍ଦର୍ଯ୍ୟର ପରିପ୍ରକାଶ ଦ୍ୱାରା, ଧର୍ମ ଅଥବା ବିଜ୍ଞାନକୁ ଅଶ୍ରୟକରି, ସେହି 'ମହତ୍ ରହସ୍ୟ' ସେହି ସରଳରହସ୍ୟକୁ ଖୋଜି ଚାଲିଛନ୍ତି । ସତ କହିବାକୁ ଗଲେ, ଅଙ୍କୋପଲି ପ୍ରାସାଦର ସ୍ଥପତି, ତେବାନର ଐନ୍ଦ୍ରଜାଲିକ, କେପ୍ କେନେଡ଼ିର ମହାକାଶଚାରୀ ଅଥବା ସିଷ୍ଟରମତାବଲମ୍ବୀ ଶ୍ରମଣ କାହାର ବିଶେଷ ପ୍ରଗତି ହୋଇଛି ସେକଥା ଜଣାନାହିଁ, ଜଣେ ତାଙ୍କୁ ବୁଝିବାପାଇଁ ସଂସାରତ୍ୟାଗୀ ତ ଆଉଜଣେ ଅଙ୍କ ତାଙ୍କୁ ଆଲିଙ୍ଗନ କରୁଛି, ଜଣେ ସୌନ୍ଦର୍ଯ୍ୟ ଚିହ୍ନଟିଏ ରଖିଗଲାଣି ତ ଅନ୍ୟଜଣେ ଅଚଳାକାଶରେ ଟାଣିଦେଉଛି ଧବଳ ରେଖାଟିଏ, ଏହି କ୍ରମରେ ଆମର ସ୍ଥାନ ସର୍ବଶେଷରେ । ଏପର୍ଯ୍ୟନ୍ତ ସେହି ମନ୍ତ୍ରଶକ୍ତି ଆମେ ଲାଭ କରି ନାହୁଁ । ସେହି ବିନ୍ଦୁ, ସେହି ସର୍ବସମର୍ଥ ଅଣୁକଣାଟି, ନକ୍ଷତ୍ର ଖଚିତ ଆକାଶତଳେ ମାନବ ସୃଷ୍ଟିର ପ୍ରାକ୍‌କାଳରୁ ଯେପରି ଥିଲା ସେହିପରି ଆଜି ମଧ୍ୟ ବିଶ୍ୱଜଗତର ଉନ୍ମୁକ୍ତ ବେଳାଭୂମିରେ ପ୍ରଦୀପ୍ତ, ତା'ର ପ୍ରକୃତ ଅଧିକାରୀ ପାଇଁ ପ୍ରତୀକ୍ଷାରତ ।

କେତେକ ହୁଏତ ସେହି ମହାନ ରହସ୍ୟକୁ କିଞ୍ଚିତ ସ୍ପର୍ଶକରି ପାରିଥିଲେ, ଗ୍ରୀକ୍ ଓ ମିଶରବାସୀ ସେ ବିଷୟରେ କିଛି ହୁଏତ ଜାଣିଥିଲେ କିନ୍ତୁ ଭାରତବର୍ଷର ବୈଦିକ ଋଷିଗଣ ସେକଥା ନିଶ୍ଚୟ ଜାଣିଥିଲେ । କିନ୍ତୁ ରହସ୍ୟସବୁ ଗୋଟିଏ ସୁଦୃଶ୍ୟ ବୃକ୍ଷର ପୁଷ୍ପମାନଙ୍କପରି, ସେମାନଙ୍କର ଋତୁ ରହିଛି, ସେମାନଙ୍କର ହୁଏ ଅଲକ୍ଷ୍ୟ ବୃଦ୍ଧି ଓ ଆକସ୍ମିକ ବିକାଶ । ସମସ୍ତଙ୍କ ପାଇଁ ଗୋଟିଏ ନିର୍ଦ୍ଦିଷ୍ଟ 'ସମୟ' ରହିଛି, ଅନ୍ତରୀକ୍ଷରେ ତାରାମାନଙ୍କ ସଂଯୋଗ, ଫେଣକ୍ଷାଳିତ ପାଷାଣଖଣ୍ଡ ଉପରେ ଗୃଧ୍ରର ଗତି, ସ୍ଫିତ ତରଙ୍ଗ ଗର୍ଭରୁ କ୍ଷଣକ ଲାଗି ଉତ୍କ୍ଷିପ୍ତ ଫେନମାଳା ସମସ୍ତେ ସେହି ବିଧିର ବିଧାନ ମାନି ଚଳନ୍ତି । ମଣିଷ ମଧ୍ୟ ସେଥିରୁ ବାଦ୍ ଯାଇ ନାହିଁ । ସେ ରହସ୍ୟ ଅର୍ଥାତ୍ ସେ ଜ୍ଞାନ ଓ ଶକ୍ତି, ତା'ର ମଧ୍ୟ ସ୍ୱକୀୟ କାଳ ଓ ନିୟମ ରହିଛି; କ୍ଷୁଦ୍ର କୋଷଟିଏ ଅନ୍ୟକୋଷମାନଙ୍କ ଅପେକ୍ଷା ଅଧିକ ଉନ୍ନତତର ହେଲେ ମଧ୍ୟ ନିଜ ଜ୍ଞାନ ଶକ୍ତିକୁ ରୂପ ଦେଇ ପାରିବ ନାହିଁ କି ଜଗତକୁ ପରିବର୍ତ୍ତିତ କରିପାରିବ ନାହିଁ, କ୍ରମବିକାଶାତ୍ମକ କ୍ଷେତ୍ର ପ୍ରସ୍ତୁତ ନହେବା ପର୍ଯ୍ୟନ୍ତ ମହାବୃକ୍ଷଟିକୁ ପୁଷ୍ପାନ୍ୱିତ ହେବାପାଇଁ ପ୍ରେରଣା ମଧ୍ୟ ଦେଇ ପାରିବ ନାହିଁ ।

କିନ୍ତୁ ସେ ସମୟ ସମାଗତ ।

ସେହି ଅବିକଶିତ ପୁଷ୍ପଟି ଯଦିବା ପୂତିଗନ୍ଧଯୁକ୍ତ ବ୍ରଣ ପରି ଦେଖାଯାଉଛି ତଥାପି ସେହି ଆଗତ ସମୟର ବାର୍ତ୍ତା ପୃଥିବୀର ସର୍ବତ୍ର ପ୍ରଚାରିତ : କଲିକତା ସହରରେ ଛାତ୍ରମାନେ ଗାନ୍ଧିଙ୍କ ମୂର୍ତ୍ତିଟିକୁ ଶିରହୀନ କରିଦେଲେ, ପୁରାତନ ଦେବଦେବୀ ଜର୍ଜର, ବୁଦ୍ଧିଜୀବି ଓ ଦାର୍ଶନିକମାନେ ଧ୍ୱଂସକୁ ଆହ୍ୱାନ କରୁଛନ୍ତି, ରୋମର ଅଧିବାସୀମାନଙ୍କ ପରି ନିଜ ନିଗଡ଼ ଭାଙ୍ଗିଦେବାପାଇଁ ବିଦେଶୀବର୍ବରମାନଙ୍କୁ ଆମନ୍ତ୍ରଣ କରୁଛନ୍ତି, କେତେକ ଖୋଜୁଛନ୍ତି ରାସାୟନିକ-ବିଳାସ, ସାମ୍ପ୍ରତିକମାର୍ଗ ଅପେକ୍ଷା ଅନ୍ୟକୌଣସି ବରତର ମାର୍ଗ ଖୋଜୁଛନ୍ତି । ଶୁଣାଯାଉଛି ପୃଥିବୀର ଦୀର୍ଘଶ୍ୱାସ, ତା'ର ଆର୍ତ୍ତନାଦ, ରୂପାନ୍ତମୁଖୀ ପ୍ରକ୍ରିୟାରେ ତା'ର ବିଶାଳ ଶରୀରର କୋଷମାନଙ୍କରେ ଅସଂଖ୍ୟ କ୍ଷତ । ବର୍ତ୍ତମାନ ଯାହା ଅମଙ୍ଗଳ ବୋଲି ପ୍ରତୀତ ହେଉଛି ତାହା ଏକ ନବଜନ୍ମର ଛଦ୍ମବେଶ, ଯାହାର ବ୍ୟବହାର ଏପର୍ଯ୍ୟନ୍ତ ଅଜ୍ଞାତ । ଆମେ ବର୍ତ୍ତମାନ ଏକ ନୂତନ ବିକାଶକ୍ରମର ବିକଳ୍ପକ୍ଷଣରେ ଉପସ୍ଥିତ, ଏହି ପରିସ୍ଥିତି ସେହିପରି ବିଭ୍ରାନ୍ତିକର ଯେପରି ମହାବାନର ମଧ୍ୟରୁ ଆଦିମାନବର ଉତ୍ପତ୍ତି ଭ୍ରାନ୍ତି ସୃଷ୍ଟି କରିଥିଲା ।

କିନ୍ତୁ ଯେହେତୁ ପାର୍ଥିବ ଶରୀରର ଉପାଦାନ ଏକ, ସେହିପରି ତା'ର ପ୍ରତିକାର ମଧ୍ୟ ଏକ, ଏକଥା ସତ୍ୟ, ଏବଂ ଗୋଟିଏ ମାତ୍ର ବିନ୍ଦୁର ପରିବର୍ତ୍ତନ ହେଲେ ସେ ଅନ୍ୟ ବିନ୍ଦୁମାନଙ୍କୁ ପରିବର୍ତ୍ତିତ କରିଦେବ । ଆମର ନିୟମକାନୁନ, ବିଜ୍ଞାନରଧାରା, ଧର୍ମ କିଂବା ବିଭିନ୍ନ ଧର୍ମମତର

ସମୁନ୍ନତି କରାଗଲେ ମଧ୍ୟ ସେହି ବିନ୍ଦୁର ସାକ୍ଷାତ ମିଳିବନାହିଁ; କାରଣ ଏ ସମସ୍ତେ ଏକ ପୁରାତନ ପଦ୍ଧତି-ମହାଯନ୍ତ୍ରର ଅଂଶ ବିଶେଷ, ଏବଂ ତା'ର ଗୋଟିଏ ଅଂଶର ସଂଯୋଜନ, ନିବାରଣ ବା ସଂଶୋଧନ ଅନାବଶ୍ୟକ : ଏପଟେ ଆମେ ରୁଦ୍ଧ ଶ୍ୱାସ । ପ୍ରଥମତ ସେହି ମହାଯନ୍ତ୍ରଦ୍ୱାରା ପରିକଳ୍ପିତ ଓ ଚାଳିତ ଆମର ଲୌକିକ ବୁଦ୍ଧି, ମାନବସମାଜର ଉନ୍ନତି, ଯାହା କେବଳ ତା'ର ଅପରିପୂର୍ଣ୍ଣତା ଓ ଅତୀତକୁ ବଡ଼କରି ଦେଖାଏ ତା'ସହ ସେହି (ତତ୍ତ୍ୱ) ବିନ୍ଦୁଟିର କୌଣସି ସମ୍ପର୍କ ନାହିଁ । ଶ୍ରୀଅରବିନ୍ଦ କହିଛନ୍ତି, ''ମାନବର ଅପୂର୍ଣ୍ଣତା ମହାପ୍ରକୃତିର ଶେଷସୋପାନ ନୁହେଁ ।'' ''ତା'ର ପରିପୂର୍ଣ୍ଣତା ମଧ୍ୟ ଦିବ୍ୟସତ୍ତାର ଚରମ ଶିଖର ନୁହେଁ ।'' ବାସ୍ତବରେ ଏହି ତତ୍ତ୍ୱଟି ମାନବ ବୁଦ୍ଧିର କଳ୍ପନାତୀତ ଅନାଗତକାଳ ମଧ୍ୟରେ ରହିଛି, ପତ୍ରହୀନ ପଳାଶବୃକ୍ଷର(ଶିଖା ବୃକ୍ଷ) ପୁଷ୍ପୋଦ୍ଗମ ପରି ତାହା ନିଗୂଢ଼ ଗଭୀରତା ମଧ୍ୟରେ ବଢୁଛି ।

ଅନାଗତ ଭବିଷ୍ୟତକୁ ଧରିବାର ଉପାୟ ହେଉଛି ବିଷୟଟିର ହୃଦୟର ଗଭୀରତା ମଧ୍ୟକୁ ପ୍ରବେଶ କରିବା । କିନ୍ତୁ ମାନବର ମାନଦଣ୍ଡ ଯାହାକୁ ସୁନ୍ଦର, ସୁଯୋଗ୍ୟ ଓ ଉତ୍କୃଷ୍ଟ ବୋଲି ବିବେଚନା କରୁଛି ତାହା ମଧ୍ୟରେ ଯଦି ନାହିଁ ତେବେ ସେ ହୃଦୟଟି ରହିଛି କେଉଁ ସ୍ଥାନରେ ? ଦିନେ ଜଳୋତ୍ଥିତ ପ୍ରଥମ ସରୀସୃପଟିଏ ଉଡ଼ିବାପାଇଁ ଇଚ୍ଛା କରିଥିଲା, ଆଦିମାନବ ଜଙ୍ଗଲମଧ୍ୟରୁ ବାହାରି ଆସି ଜଗତକୁ ଏକ ବିଚିତ୍ର ଦୃଷ୍ଟିରେ ଦେଖିଥିଲା : ଅନ୍ୟଏକ ଅବସ୍ଥା ପାଇଁ ସେମାନଙ୍କ ମନରେ ଜାଗିଥିଲା ସେହି ଅଦମ୍ୟ ଏକକ ଇଚ୍ଛା । ବୋଧହୁଏ ରୂପାନ୍ତରକାରୀ ଶକ୍ତି ସକଳ ସେହି ସରଳ ଦୃଷ୍ଟିମଧ୍ୟଦେଇ ଅନ୍ୟଏକ ଲକ୍ଷ୍ୟ ଉପରେ ନିହିତ ଥିଲା, ସତେ ଯେପରି ସେହି ଦୃଷ୍ଟି, ସେହି ଅଦମ୍ୟ ଇଚ୍ଛା, ଅଜ୍ଞାତ ସେହି ବିନ୍ଦୁଟି ପାଇଁ ଆକୁତି, ଭବିଷ୍ୟ-ମହାସାଗର ପ୍ରବାହର ଅର୍ଗଳ ଖୋଲିଦେଲା ।

ଅବଶ୍ୟ ସେହି ବିନ୍ଦୁଟି ସର୍ବମୟ, ସର୍ବଶକ୍ତିମୟ, ତାହା ସେହି ଅଗଣିତ ଗୁଣମୟ ଭାସ୍ୱର ଦିବ୍ୟସତ୍ତାର ଏକ ସ୍ଫୁଲିଙ୍ଗ, ଯାହା ପ୍ରତ୍ୟେକ ମାନବ ଓ ବସ୍ତୁର ହୃଦୟ ମଧ୍ୟରେ, ଅନ୍ତରୀକ୍ଷର ପ୍ରତ୍ୟେକ କୋଣରେ, ସମୟର ପ୍ରତି ମୁହୂର୍ତ୍ତ ମଧ୍ୟରେ, ପ୍ରତି ଫେଣର ଚିହ୍ନରେ ବିଭ୍ରାଜିତ, ଯାହାର ନିମିଷମାତ୍ର ଦୃଷ୍ଟିପାତରେ ସମସ୍ତଙ୍କର ଅବିରତ ବୃଦ୍ଧି ହେଉଛି ।

ଭବିଷ୍ୟତ ମଧ୍ୟ ତା'ର ଶରଣାଗତଙ୍କ ଆଲିଙ୍ଗନ ପାଶରେ ବନ୍ଦୀ ।

ଆମ୍ଭମାନଙ୍କୁ ମଧ୍ୟ ଦୃଢ଼ଭାବରେ ସ୍ୱୀକାର କରିବାକୁ ହେବ ଯେ ମସ୍ତିଷ୍କ ପ୍ରସୁତ ବୈଦ୍ୟୁତିକ ବିଳାସ ଅପେକ୍ଷା ରମଣୀୟତର ଏକ ଭବିଷ୍ୟତ ରହିଛି : ପ୍ରାଗୈତିହାସିକ ଉଡ୍ଡନକ୍ଷମ ସରୀସୃପ ଯେପରି ଶ୍ରେଷ୍ଠତମ ସରୀସୃପ ନଥିଲା ସେହିପରି ମାନବ ମଧ୍ୟ ଚରମ ସୃଷ୍ଟି ନୁହେଁ । ଅନନ୍ତ ବିବର୍ତ୍ତନ ତରଙ୍ଗର ଶେଷସୀମା କାହିଁ ? ଆମ ନିକଟରେ ମଧ୍ୟ ଏହା ସୁସ୍ପଷ୍ଟ । ବିସ୍ମୟରୁ ବିସ୍ମୟତର ଯନ୍ତ୍ରସବୁ ଉଦ୍ଭାବିତ ହେଲାଣି, ମନେ ହେଉଛି ମାନବ ବୃହସ୍ପତି, ଶୁକ୍ର ଆଦି ଗ୍ରହଣମଣ୍ଡଳ ଆଡ଼କୁ ଅଗ୍ରସର ହୋଇ ନିଜର ସୀମା ଅତିକ୍ରମ କରିଗଲାଣି । ଏହି ପ୍ରତୀତି କେବଳ କଠୋର ଛଳନାପୂର୍ଣ୍ଣ ଏକ ଆଭାସ ମାତ୍ର, ବାସ୍ତବରେ ଏହା ବ୍ୟାପ୍ତି ନୁହେଁ, ବିଶ୍ୱଜଗତର ଅପର ଦିଗକୁ ଅନୁକମ୍ପାର ପାତ୍ରଟିଏ ପ୍ରେରଣ କରୁଛୁ, ଯାହାର ସ୍ୱଜନ ପରିପାଳନର ଜ୍ଞାନ ମଧ୍ୟ ନାହିଁ କି ସେ ନିଜେ ମଧ୍ୟ ଜାଣେ ନାହିଁ ତା'ର ଆଶ୍ରୟଗୁହା ମଧ୍ୟରେ ରହିଛି ଅଗ୍ନିମୁଖ ଭୟଙ୍କର ରାକ୍ଷସ ଅଥବା କ୍ଷୀଣସ୍ୱର ବିରାଡ଼ି ଶିଶୁ । ଏହା ପ୍ରଗତି ନୁହେଁ; ଆମେ କେବଳ ବିରାଟ ମାନସିକ-ବେଲୁନଟିକୁ  ବାୟୁପୂର୍ଣ୍ଣ କରୁଛୁ ଯାହା ଦିନେ ଆମ ମୁହଁ ଉପରେ ଫାଟିବ । ମାନବ ବିଶୋଧିତ ନହୋଇ ହୋଇଛି ସ୍ଫିତ । ଏହା ବିନା ଅନ୍ୟକିଛି ହେବା ସମ୍ଭବ ନଥିଲା । ଦୋଷ ଆମର ବୁଦ୍ଧିଗତ ସାମର୍ଥ୍ୟ ବା ଗୁଣର ନୁହେଁ, ସେମାନଙ୍କୁ ତାଙ୍କ ଶେଷସୀମାକୁ ଠେଲି ଦେଲେ ସେଠାରେ ଉଦ୍ଭବ ହେବ ମହାଶ୍ରମଣ ଅବା ମହାଯନ୍ତ୍ର-ଦାନବ । ଗର୍ତ୍ତ ମଧ୍ୟସ୍ଥ ସାଧୁ -ସରୀସୃପର କ୍ରମବିକାଶଧାରାର ଶୀର୍ଷରେ ପହଞ୍ଚିବା ଯେପରି ଅସମ୍ଭବ, ସାଧୁ-ଶ୍ରମଣଙ୍କର ମଧ୍ୟ ସେହିପରି ଅସମ୍ଭବ । ଛାଡ଼ ସେସବୁ କଥା । ବାସ୍ତବରେ ମାନବ ବା ଅନ୍ୟକାହାର ଉତ୍କର୍ଷତା ସଂଶୋଧନ, ସଂସ୍କାର ଉପରେ ନୁହେଁ ବରଂ 'ଅନ୍ୟ ଏକ ତତ୍ତ୍ୱ' ଉପରେ ନିର୍ଭର କରୁଛି, ଯାହା ମାନବ ଭିନ୍ନ ଅନ୍ୟକିଛି ହେବାପାଇଁ ସେ ଆସ୍ପୃହା କରୁଛି । ଏହାହିଁ ବିବର୍ତ୍ତନର ବିଧାନ । ବହୁବର୍ଷ ପୂର୍ବରୁ ଶ୍ରୀଅରବିନ୍ଦ କହିଛନ୍ତି ଯେ ମାନବ ଶେଷ ସୃଷ୍ଟି ନୁହେଁ; ମାନବ ''ଏକ ପରିବର୍ତ୍ତନଶୀଳ ସତ୍ତା'' । ସେ ମହାମାନବତ୍ୱ ଅଭିମୁଖେ ଆଗେଇ ଚାଲିବା ଅନିବାର୍ଯ୍ୟ କାରଣ କ୍ଷୁଦ୍ର ବୀଜଟି ମଧ୍ୟରେ ନିହିତ ଥାଏ ବିଶାଳକାୟ ଆମ୍ରବୃକ୍ଷ । ତେଣୁ କ୍ରମବିକାଶ ପ୍ରକ୍ରିୟାରେ ରୂପାନ୍ତର କିପରି ସମ୍ଭବ ହେବ ବର୍ତ୍ତମାନ ତାହାହିଁ ଏକମାତ୍ର ଚିନ୍ତା, ଏକମାତ୍ର ସମସ୍ୟା, ଯୁଗଯୁଗାନ୍ତରର ଅମୀମାଂସିତ ପ୍ରଶ୍ନ, ସେହି ପରିବର୍ତ୍ତନ ଲିପ୍‌ସା ଏ ପାର୍ଥିବପୋତର ଅଙ୍ଗକୁ ବିଦୀର୍ଣ୍ଣ କରି ଦୁଃଖଦ ଅଂଶକୁ ପୃଥକ୍ କରିଦେଉଛି ।

ନିତ୍‌ସେ ମଧ୍ୟ ତାହାହିଁ କହିଥିଲେ । କିନ୍ତୁ ତାଙ୍କ କଥିତ ମହାମାନବ, ମାନବର ଏକ ବର୍ଦ୍ଧିତ ସଂସ୍କରଣ ମାତ୍ର; ସମଗ୍ର ୟୁରୋପ ମହାଦେଶକୁ ପଦଦଳିତ କରି ସେ ଯେଉଁ କର୍ମ କଲେ ତାହା ବିଦିତ । ସେ କାର୍ଯ୍ୟ କ୍ରମବିକାଶରଧାରା ନୁହେଁ ବରଂ ପ୍ରତୀଚିବାସୀଙ୍କ ପ୍ରାଚୀନ ବର୍ବରତା ଅଥବା ହୃଦୟହୀନ ମାନବ-ଅହଂକାରର ଅନ୍ୟ ଏକ ରୂପ । ଆମେ ଶ୍ରେଷ୍ଠମାନବ ଚାହୁଁନା, ଚାହୁଁଛୁ ଅନ୍ୟକିଛି, ଯାହାର ମଧୁସ୍ୱର ମାନବ ହୃଦୟରେ ଗୁଞ୍ଜରିତ, ଭିନ୍ନ ଏକ ସ୍ୱର, ଯେପରି ସଂଗୀତଜ୍ଞ ବାକ୍‌ଙ୍କର ଗୀତ ରଚନା ଆଦିମାନବର ଘର୍ଘର ଧ୍ୱନିଠାରୁ ଭିନ୍ନ । ବାସ୍ତବରେ, ଯେତେବେଳେ ଆମ ଅନ୍ତଃଶ୍ରବଣରେ ଭବିଷ୍ୟତର ମଧୁର ସାମଧ୍ୱନି ଗୁଞ୍ଜରିତ ହୁଏ ସେତେବେଳେ ସଂଗୀତ ବିଦୁଷବାକ୍‌ଙ୍କର ସଂଗୀତ ମଧ୍ୟ ଅକିଞ୍ଚିତ୍କର ମନେହୁଏ ।

ଏହି ଉନ୍ମୀଳନ, ଏହି ନୂତନ ବିକାଶ; ବିବର୍ତ୍ତନ ଧାରାରେ ରୂପାନ୍ତରର ଏକ ସୁପ୍ରତିଷ୍ଠିତ କାର୍ଯ୍ୟ ପଦ୍ଧତି, ଆମେ ଶ୍ରୀଅରବିନ୍ଦ ଏବଂ ତାଙ୍କ କାର୍ଯ୍ୟସାଧନବ୍ରତୀ ଶ୍ରୀମାଙ୍କ ଶିକ୍ଷାଲୋକରେ ଗବେଷଣା କରିବା ଏବଂ ସ୍ୱବିକାଶରେ ଏକ ସୁବ୍ୟବସ୍ଥିତ କର୍ଣ୍ଣଧାର ହୋଇପାରିବା । ବୈଜ୍ଞାନିକରୀତିରେ କ୍ରମବିକାଶର ପରୀକ୍ଷା – ଯେପରି ଅନ୍ୟମାନେ ପରୀକ୍ଷା-ନଳୀରେ ଭ୍ରୁଣ ନିର୍ମାଣ କରୁଛନ୍ତି, ଯାହାର ଫଳାଫଳ ସ୍ୱରୂପ ସେମାନେ ଦିନେ ଶୁଣିବେ ସ୍ୱଗତ ରାକ୍ଷସର ପ୍ରତିଧ୍ୱନି ।

ଜୀବନର ମର୍ମ ଜୀବନ ମଧ୍ୟରେ ନାହିଁ, ସେହିପରି ମାନବର ରହସ୍ୟ ମାନବ ମଧ୍ୟରେ ନାହିଁ । ଶ୍ରୀଅରବିନ୍ଦଙ୍କ ଭାଷାରେ, ''ପଙ୍କଜର ରହସ୍ୟ ରହିଛି ତା'ର ଜନ୍ମସ୍ଥାନ ପଙ୍କ ମଧ୍ୟରେ,'' ପଙ୍କ ଓ ସୂର୍ଯ୍ୟଙ୍କ କିରଣର ସଂଯୋଗରେ ସୃଷ୍ଟି ହୁଏ ଏକ ଉଚ୍ଚତର ସମତାନ । ଏହି ଐକ୍ୟକେନ୍ଦ୍ରୀଭୂତ ସ୍ଥାନ, ଏହି ଅବସ୍ଥାନ୍ତରର ମୂଳବିନ୍ଦୁଟିକୁ ଖୋଜି ବାହାର କରିବା ଅତ୍ୟାବଶକ । ତା'ହେଲେ ହୁଏତ ସାଗର ବେଳାରେ ସେହି ପ୍ରଶାନ୍ତ ଶିଶୁର ଉତ୍ତାଳ ତରଙ୍ଗମାଳାର ଫେନ ଉପରେ ମନୋନିବେଶର ରହସ୍ୟ, ଭୁବନମନମୋହକ ସେହି ସଂଗୀତ, ପ୍ରକୃଷ୍ଟ ସମୟ ପାଇଁ ପ୍ରତୀକ୍ଷାରତ ସେହି ମହାନ୍ ଅଦ୍ଭୁତ ତତ୍ତ୍ୱକୁ ଆମେ ଆବିଷ୍କାର କରିପାରିବା ।

ଏବଂ ମାନବଶକ୍ତି ଦ୍ୱାରା ଆଜି ଯାହା ଅସମ୍ଭବ ମନେହେଉଛି ତାହା ବାଳଲୀଳା ପରି ସହଜ ସାଧ୍ୟ ହେବ ।

ଅନୁବାଦ : ଜ୍ୟୋତ୍ସ୍ନା ମହାନ୍ତି